# OFFICE OF THE ANGUL MUNICIPALITY, ANGUL

## ଅନୁଗୋଳ ପୌରପାଳିକା କାର୍ଯ୍ୟାଳୟ, ଅନୁଗୋଳ

**Ph No. 06764-230582 email: angulmunicipality@gmail.com**

ସଂଖ୍ୟା: ୧୯୫୦(ଜ) /ତା: ୧୪/୭/୨୦୨୩

## <u>ଅଭିବ୍ୟକ୍ତି ପ୍ରକାଶନ</u>

ଏତତ୍ ଦ୍ୱାରା ଅନୁଗୋଳ ପୌରପାଳିକା, ଅନୁଗୋଳର ସମସ୍ତ ୨୩ ଗୋଟି ୱାର୍ଡର ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦାସଂଗଠନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଅଛି ଯେ, ମୁକ୍ତା ଯୋଜନା ମାଧ୍ୟମରେଆର୍ଥିକ ବର୍ଷ ୨୦୨୩-୨୪ ନିମନ୍ତେ ୱାର୍ଡ ମାନଙ୍କରେ ହେବାକୁ ଥିବା ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ ଗୁଡ଼ିକର ନିର୍ମାଣନିମନ୍ତେ କାର୍ଯ୍ୟକାରୀ ସଂସ୍ଥା ଓ କାର୍ଯ୍ୟକାରୀ ସହଯୋଗୀ ଭାବେ ଚୟନ କରିବା ପାଇଁ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦାସଂଗଠନମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରୁଅଛି। ଏଣୁ, ଏଥି ନିମନ୍ତେ ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ ବସ୍ତି ବାସିନ୍ଦାସଂଗଠନ ମାନେ ଆବଶ୍ୟକୀୟ କାଗଜପତ୍ର /ଦସ୍ତାବିଜ ସହ **ତା ୨୫ .୦୭.୨୦୨୩ ରିଖ ଅପରାହ୍ନ ୫ ଟା ସୁଦ୍ଧା କେବଳ ସ୍ପୀଡ ପୋଷ୍ଟ/ରେଜିଷ୍ଟ୍ରି ପୋଷ୍ଟ କିମ୍ବା କୋରିୟର ଦ୍ୱାରା** ଆବେଦନ କରିପାରିବେ। ଧାର୍ଯ୍ୟ ସମୟ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ଏ ବଂ ଆସନ୍ତା ତା୨୬.୦୭.୨୦୨୩ରିଖ୧୧.00 ଘଟିକା ସମୟରେ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦାସଂଗଠନ କିମ୍ବା ସେମାନଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେନିମ୍ନ ସ୍ୱାକ୍ଷ୍ୟରକାରୀଙ୍କ କାର୍ଯ୍ୟାଳୟ ରେ ଖୋଲାଯିବା ପାଇଁ ସ୍ଥିର କରାଯାଇଅଛି।ସରକାରଙ୍କ ଦ୍ବାରା ନିର୍ଦ୍ଧାରିତ ଆବେଦନ ପତ୍ର ଗୁଡିକ ଅନୁଗୋଳ ପୌରପାଳିକା କାର୍ଯ୍ୟାଳୟରେ ଉପଲବ୍ଧ ଅଛି । ଆଗ୍ରହୀ ମିଶନ ଶକ୍ତି ଗୋଷ୍ଠୀ/ବସ୍ତି ବାସିନ୍ଦାସଂଗଠନ ଏହି ଅଭିବ୍ୟକ୍ତି ପ୍ରକାଶନ ସହ ଜଡିତ ଆବେଦନ ପତ୍ର ଅନୁଗୋଳ ଜିଲ୍ଲା ୱେବସାଇଟ <u>**www.angul.nic.in**</u>ରୁ ମଧ୍ୟ ଡାଉନଲୋଡ କରିପାରିବେ। **ଲଫାଫା ର ଉପରେ "ମୁକ୍ତା ଯୋଜନା ଦ୍ୱାରା ସହର ରୂପାନ୍ତରିକରଣ -୨୦୨୩-୨୪ " ଲେଖାଥିବା ଆବଶ୍ୟକ ।** ଅଧିକ ଜାଣିବା ପାଇଁ ଅନୁଗୋଳ ପୌରପାଳିକା, ଅନୁଗୋଳଙ୍କ ସହ ଯୋଗାଯୋଗ କରି ପାରନ୍ତି।

<u>ବିଶେଷ ଦ୍ରଷ୍ଟବ୍ୟ</u>

୧ -ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଅନୁଗୋଳ ପୌରପାଳିକା ଦ୍ୱାରା କୌଣସି କାର୍ଯ୍ୟ କିମ୍ବା ମୁକ୍ତା ଯୋଜନାର କୌଣସି କାର୍ଯ୍ୟରେ ସମ୍ପୃକ୍ତ ହୋଇନଥିବେ ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଗ୍ରାଧିକାର ଦିଆଯିବ ।

୨ - ଯେଉଁ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଅନୁଗୋଳ ପୌରପାଳିକାର ସ୍ଥାୟୀ ଭାବେ କରୁଥିବା କାର୍ଯ୍ୟ ଯଥା - ଆହାର,FSTP ,MCC, MRF, ଚୁଡା ଛତୁଆ ଇତ୍ୟାଦିରେ ସମ୍ପୃକ୍ତ ହୋଇଥିବେ, ସେହି ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆବେଦନ କରିପାରିବେ ନାହିଁ ।

## ମିଶନ ଶକ୍ତି ଗୋଷ୍ଠୀର ଯୋଗ୍ୟତା ପରିମାପକ ମାନଦଣ୍ଡ

୧ - ଆବେଦନ କରୁଥିବା ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ସମ୍ପୃକ୍ତ ୱାର୍ଡର ହୋଇଥିବେ, ଯଦି ସମ୍ପୃକ୍ତ ୱାର୍ଡ ର ମିଶନ ଶକ୍ତି ଗୋଷ୍ଠୀ ସରକାରୀ ନିୟମାବଳୀରେ ଯୋଗ୍ୟ ବିବେଚିତ ନ ହୁଅନ୍ତି ତେବେ ପାର୍ଶ୍ଵବର୍ତ୍ତୀ ୱାର୍ଡ ର ମିଶନ ଶକ୍ତି ଗୋଷ୍ଠୀକୁ ବିକଳ୍ପ ଭାବରେ ନିଆଯିବ ।

୨ - ପଞ୍ଚ ସୂତ୍ର ନିୟମକୁ ଅନୁପାଳନ କରୁଥିବେ ( ନିୟମିତ ବୈଠକ, ନିୟମିତ ସଞ୍ଚୟ, ନିୟମିତ ଗୋଷ୍ଠୀ ମଧ୍ୟରେ ଋଣ କାରବାର,ନିୟମିତ ପରିଶୋଧ, ନିୟମିତ ହିସାବ ରଖିବା ଇତ୍ୟାଦି) ।

୩ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ପରମାନେଣ୍ଟ ଏକାଉଣ୍ଟ (ପାନ ନମ୍ବର ) ଥିବ ।

୪ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀର ସକ୍ରିୟ ଜମାଖାତା ଥିବ ।

୫ -କୌଣସି ଆର୍ଥିକ ଅନିୟମିତତା ଯଥା ଋଣ, ଏନ. ପି. ଏ କିମ୍ବା ୱାନ ଟାଇମ ସେଟେଲମେଣ୍ଟ ଘୋଷିତ ହୋଇନଥିବ ।

୬ - ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ବର୍ଷରେ ୪୦ ଲକ୍ଷରୁ ଅଧିକ କାର୍ଯ୍ୟ କରିନଥିବେ ।

୭ -ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ଆର୍ଥିକ ବର୍ଷରେ ୨.୫ ଲକ୍ଷରୁ ଅଧିକ ତଦାରଖ ରାଶି ଯଦି ପାଇଥିବେ ସେ ସରକାରଙ୍କ ଆୟକର ଦେୟ କରିଥିବେ ।

୮ -ମିଶନ ଶକ୍ତି ଗୋଷ୍ଠୀର ପଞ୍ଜିକରଣ ଅଭିବ୍ୟକ୍ତି ପ୍ରକାଶନର ତାରିଖ ପୂର୍ବରୁ ଏକ ବର୍ଷ ହୋଇଥିବ ।

14.7.23

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : /ତାରିଖ :

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା ଅଧିକାରୀ , ଅନୁଗୋଳ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ୱାର୍ଡ ମାନଙ୍କର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କ ଦୃଷ୍ଟିକୁ ଆଣିବାକୁ ଅନୁରୋଧ ।

14.7.23

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : /ତାରିଖ :

ଏହାର ଏକକିତା ନକଲ ସମସ୍ତ ୱାର୍ଡ ଅଧିକାରୀ, ସିଏମଏମ/ଗୋଷ୍ଠୀ ସଙ୍ଗଠିକା, ଅନୁଗୋଳ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ବିଜ୍ଞାପନ ଟି ଉପରୋକ୍ତ ୱାର୍ଡ ର ସମସ୍ତ ମିଶନ ଶକ୍ତି ଗୋଷ୍ଠୀ ମାନଙ୍କର ଦୃଷ୍ଟି ଗୋଚର ହେଲା ବୋଲି ପ୍ରାମାଣିକ ହସ୍ତାକ୍ଷର ସହ ଯୋଗାଇ ଦେବାକୁ ଅନୁରୋଧ ।

ଏହାର ଏକ କିତା ନକଲ ଅଫିସ ନୋଟିସ ବୋର୍ଡ ରେ ସମସ୍ତଙ୍କ ଅବଗତି ନିମନ୍ତେ ଝୁଲାଇ ଦିଆଗଲା ।

14.7.23

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : ୧୯୨୦(ଘ) /ତାରିଖ : ୧୪/୩/୨୦୨୩

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ଅନୁଗୋଳ ଙ୍କୁଜିଲ୍ଲା ୱେବସାଇଟରେ ଅପଲୋଡକରିବା ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : ୧୯୨୦(ଙ) /ତାରିଖ : ୧୪/୩/୨୦୨୩

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ , ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ଅନୁଗୋଳ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : ୧୯୨୦(ଚ) /ତାରିଖ : ୧୪/୩/୨୦୨୩

ଏହାର ଏକକିତା ନକଲ ଜିଲ୍ଲାପାଳ, ଅନୁଗୋଳ ଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

ପରିପତ୍ର ସଂଖ୍ୟା : ୧୯୨୦(ଛ) /ତାରିଖ : ୧୪/୩/୨୦୨୩

ଏହାର ଏକକିତା ନକଲ ପ୍ରକଳ୍ପ ନିର୍ଦ୍ଦେଶକ, ମୁକ୍ତା,ଗୃହ ଓ ନଗର ଉନ୍ନୟନ ବିଭାଗ, ଭୁବନେଶ୍ବରଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ନିର୍ବାହୀ ଅଧିକାରୀ
ଅନୁଗୋଳ ପୌରପାଳିକା, ଅନୁଗୋଳ

# ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା)
## ମୁକ୍ତା ଯୋଜନାରେ ନିର୍ମାଣ କାର୍ଯ୍ୟ ପାଇଁ ଆବେଦନ ପତ୍ର

ପ୍ରକଳ୍ପ ନାମ : ______________________, ତାରିଖ : ........../ ...... / ................

୧. ମିଶନ ଶକ୍ତି ଗୋଷ୍ଠୀ / ବସ୍ତି ବାସିନ୍ଦା ସଙ୍ଘର ନାମ –

୨. ଗୋଷ୍ଠୀ/ସଙ୍ଘର ସଭାପତି ଏବଂ ସମ୍ପାଦିକାଙ୍କ ମୋବାଇଲ ନମ୍ବର :........................../.......................

୩. ଗୋଷ୍ଠୀ/ସଙ୍ଘର ଠିକଣା (ୱାର୍ଡ ନମ୍ବର ସହିତ)-

୪. ସମ୍ପୃକ୍ତ ସଦସ୍ୟା/ସଦସ୍ୟଙ୍କ ସଂଖ୍ୟା :

୫. ଗୋଷ୍ଠୀ/ସଙ୍ଘର ପଞ୍ଜିକରଣ ନମ୍ବର:

୬. ସଞ୍ଚୟ ଖାତା ନମ୍ବର :

୭. ବ୍ୟାଙ୍କ ଓ ଶାଖା ର ନାମ :

୮ . IFSC କୋଡ୍:

୯. ଗୋଷ୍ଠୀ/ସଙ୍ଘର PAN କାର୍ଡ ନମ୍ବର:

୧୦. ସଞ୍ଚୟ ଖାତାରେ ଥିବା ବଳକା ରାଶିର ପରିମାଣ :

୧୧. ପଞ୍ଚସୂତ୍ର ନିୟମାବଳୀ ଅନୁସରଣ କରୁଛନ୍ତି କି ? ...........

୧୨. ଚଳିତ ବର୍ଷ ପାଇଥିବା କାର୍ଯ୍ୟର ସମୁଦାୟ ଆର୍ଥିକ ମୂଲ୍ୟ ............

୧୩. ଚଳିତ ବର୍ଷ ମୁକ୍ତା ଯୋଜନାରେ ପାଇଥିବା ସମୁଦାୟ କାର୍ଯ୍ୟର ବିବରଣୀ (କାର୍ଯ୍ୟର ନାମ ଏବଂ ଏହାର ଆର୍ଥିକ ମୂଲ୍ୟ )

**ଦସ୍ତଖତ (ସଭାପତି)**　　　　**ଦସ୍ତଖତ(ସମ୍ପାଦିକା/ ସମ୍ପାଦକ)**

**ଦରଖାସ୍ତ ସହିତ ପ୍ରମାଣ ପତ୍ର –**

୧. Resolution ଖାତାର ପ୍ରଥମ ଓ ଶେଷ ପୃଷ୍ଠାର ନକଲ

୨. ବ୍ୟାଙ୍କ ଖାତାର ପ୍ରଥମ ଓ ଶେଷ ପୃଷ୍ଠାର ନକଲ

୩. କ୍ୟାଶ ବୁକ୍‌ର ନକଲ

୪. ID (ଆଧାର) ନକଲ

୫. PAN କାର୍ଡ ର ନକଲ

୬. ପୂର୍ବରୁ ପାଇଥିବା କାର୍ଯ୍ୟାଦେଶର ପ୍ରମାଣ ପତ୍ର

**ନିର୍ବାହୀ ଅଧିକାରୀ**　　　　**ପ୍ରକଳ୍ପ ସଂଯୋଜକ (ମୁକ୍ତା)**

---

Received the Expression of Interest from.................................................. SHG/Federation..........................., on date ................................................. For the construction of ____________________



**Authorized Signatory**

**ULB**　　　　**Date**